# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**03 July - 2024**

**News Editor : *Itishree Singh Rathaur***

# ଲୋକସଭା ଅଧିବେଶନ

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଶେଷ ହୋଇଛି । ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ପାରିତ ହେବା ପରେ ଗତକାଲି ଅଧିବେଶନକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବାଚସ୍ପତି ଓମ୍ ବିର୍ଲା ମୁଲତବୀ ଘୋଷଣା କରିଛନ୍ତି । ବାଚସ୍ପତି କହିଛନ୍ତି ଗତ ଜୁନ୍‌ମାସ ୨୪ ତାରିଖରୁ ଲୋକସଭା ଅଧିବେଶନ ଆରମ୍ଭ ହୋଇଥିଲା । ଅଧିବେଶନରେ ୩୪ ଘଣ୍ଟା ଧରି ୭ଟି ବୈଠକ ଚାଲିଥିଲା । ପ୍ରଥମ ଦୁଇଦିନରେ ୫୩୯ ଜଣ ସଦସ୍ୟ ଶପଥ ଗ୍ରହଣ କରିଥିଲେ । ସୂଚନା ଅନୁସାରେ ଗତ ଜୁନ୍ ୨୬ ତାରିଖରେ ବାଚସ୍ପତି ନିର୍ବାଚନ ହୋଇଥିଲା ଏବଂ ୨୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନରେ ଅଭିଭାଷଣ ପ୍ରଦାନ କରିଥିଲେ ।

# ବ୍ୟକ୍ତିଗତ ସଚିବ

ରାଜ୍ୟ ସରକାର ବିଭିନ୍ନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଓଏସ୍‌ଡି ନିଯୁକ୍ତ କରିଛନ୍ତି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା ଅନୁସାରେ କୃଷି

ବିଭାଗର ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ବିଡିଏ ର ଯୁଗ୍ମ କମିଶନର ବିଶ୍ୱରଂଜନ ରଥ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଥିବା ବେଳେ ଭୁବନେଶ୍ୱର ଉପଜିଲ୍ଲାପାଳ ମହେନ୍ଦ୍ର ପଣ୍ଡା ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି ।

ସେହିପରି ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ଥିବା ସମ୍ବିତ କୁମାର ଗଡ଼ନାୟକଙ୍କୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି ।

# ୧୧୨ ନମ୍ବର

ଓଡ଼ିଶା ପୋଲିସ୍ ସିଟିଜେନ୍ ପୋର୍ଟାଲ୍‌ର ଏମର୍ଜେନ୍ସୀ ରେସପନ୍ସ ସପୋର୍ଟ ସିଷ୍ଟମ୍ ରେ ୧୧୨ କୁ ସ୍ଥାନୀତ କରାଯାଇଛି । ପୂର୍ବରୁ ପୋଲିସ୍ ସେବା ପାଇଁ ରହିଥିବା ଜରୁରୀକାଳୀନ ନମ୍ବର ୧୦୦, ଅଗ୍ନିଶମ ଲାଗି ୧୦୧, ଆମ୍ବୁଲାନ୍ସ ନିମନ୍ତେ ୧୦୨ ଓ ୧୦୮ ବଦଳରେ ୧୧୨ ନମ୍ବରକୁ ରଖାଯାଇଛି । ଏହାପରେ ପୋଲିସ୍ କଣ୍ଟ୍ରୋଲ୍ ରୁମ୍, ଅଗ୍ନିଶମ, ଆମ୍ବୁଲାନ୍ସ, ମହିଳା ହେଲ୍‌ପ୍ ଲାଇନ୍, ଚାଇଲ୍‌ଡ ହେଲ୍‌ପ୍ ଲାଇ୍ ଆଦି ପାଇଁ କେବଳ ୧୧୨ ନମ୍ବର ବ୍ୟବହାର ହେବ ।

# ସିପିଇଟି

ରାଜ୍ୟରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜିଠାରୁ ଏକକ ପି.ଜି. ପ୍ରବେଶିକା ପରୀକ୍ଷା-ସିପିଇଟି ଆରମ୍ଭ ହେଉଛି । ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଦିନକୁ ୩ଟି ସିଟିଙ୍ଗ୍‌ରେ ଏହି ପରୀକ୍ଷା ହେବ । ଚଳିତବର୍ଷ ୬୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେବାକୁ ଆବେଦନ କରିଛନ୍ତି । ରାଜ୍ୟର ୧୨୨ଟି ଶିକ୍ଷାନୁଷ୍ଠାନରେ ୨୮ ହଜାର ୯୦୬ ଟି ସିଟ୍‌ରେ ନାମଲେଖା ପାଇଁ ପି.ଜି. ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେଉଛି ।

# ରାଜପ୍ରାସାଦ ବିଜେ

ପୁରୀ ଶ୍ରୀମନ୍ଦିରରେ ଆଜି ଦ୍ୱାଦଶୀ ତିଥିରେ ଶ୍ରୀଜୀଉମାନଙ୍କର ରାଜପ୍ରାସାଦ ବିଜେ ନୀତି ଅନୁଷ୍ଠିତ ହେଉଛି । ଶ୍ରୀମନ୍ଦିରରେ ସକାଳ ଧୂପ ନୀତି ସରିବା ପରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ବେହରଣ ଦ୍ୱାର ଫିଟାଯିବା ସହ ଶ୍ରୀମନ୍ଦିରରୁ ଶ୍ରୀନଅରକୁ ରାଜାପ୍ରାସାଦ ବିଜେ କରାଯିବ । ଗତକାଲି ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ଖଳିଲାଗି ଓ ରକ୍ତବସ୍ତ୍ର ଲାଗି ସହ ବୈଦ୍ୟଙ୍କ ଦ୍‌ାରା ପ୍ରସ୍ତୁତ ଦଶମୂଳ ଔଷଧ ଲାଗି କରାଯାଇଥିଲା । ମହାପ୍ରଭୁ ସଂପୂର୍ଣ୍ଣ ସୁସ୍ଥ ହୋଇଥିବାରୁ ଦଇତାପତି ସେବକମାନେ ଶ୍ରୀନଅର ଯାଇ ଗଜପତି ମହାରାଜାଙ୍କୁ ଏହି ଖବର ପ୍ରଦାନ କରିବାର ପରମ୍ପରା ରହିଛି । ଏହି ଅବସରରେ ଦଇତାପତିମାନେ ଅନବସରରେ ବାହାରିଥିବା କରାଳ, ଚନ୍ଦନ ଓ ପାଟବସ୍ତ୍ରକୁ ଗଜପତି ମହାରାଜାଙ୍କୁ ପ୍ରଦାନ କରିବେ ।

# କେନ୍ଦ୍ରୀୟ ଟିମ୍

କୋରାପୁଟ ଜିଲ୍ଲା ସୀମାନ୍ତ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ ଅଞ୍ଚଳରେ ୯ ଜଣ ଶିଶୁଙ୍କ ମୃତ୍ୟୁଘଟଣାର ଅନୁଧ୍ୟାନ ପାଇଁ ଗତକାଲି ୩ ଜଣିଆ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍ କୋରାପୁଟରେ ପହଞ୍ଚିଛନ୍ତି । ଡାକ୍ତର ଆରୁଷୀ ଘାଇଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ପ୍ରଥମେ ଶହୀଦ ଲକ୍ଷ୍ମଣନାୟକ ମେଡ଼ିକାଲ କଲେଜ ପରିଦର୍ଶନ କରିଥିଲେ । ଏହି ଟିମ୍ ଶିଶୁ ୱାର୍ଡ ବୁଲି ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ । ଏହା ସହ ହସ୍‌ପିଟାଲରେ ଡାକ୍ତରମାନଙ୍କ ସହ ଶିଶୁ ମୃତ୍ୟୁ ନେଇ ଆଲୋଚନା କରିଥିବା ଜଣାପଡ଼ିଛି । ଆଜି ଏହି କେନ୍ଦ୍ରୀୟ ଟିମ୍ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ ଅଞ୍ଚଳ ପରିଦର୍ଶନ କରି ଶିଶୁ ମୃତ୍ୟୁ ଘଟଣାର ଅନୁଧ୍ୟାନ କରିବେ ବୋଲି ସୂଚନା ମିଳିଛି ।

# କର୍ଫ୍ୟୁ ପ୍ରତ୍ୟାହାର

ବାଲେଶ୍ୱର ପୌରାଞ୍ଚଳରେ ରାତ୍ରିକାଳୀନ କର୍ଫ୍ୟୁକୁ ଗତ ସନ୍ଧ୍ୟାରୁ ପ୍ରତ୍ୟାହାର କରିନିଆଯାଇଛି ବୋଲି ଜିଲ୍ଲାପାଳ ଆଶିଷ ଠାକୁର କହିଛନ୍ତି । ସୂଚନାଯୋଗ୍ୟ ଗୋଷ୍ଠୀ ସଂଘର୍ଷକୁ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଗତମାସ ୧୮ ତାରିଖ ମଧ୍ୟରାତ୍ରିରୁ କର୍ଫ୍ୟୁ ଲାଗୁ କରାଯାଇଥିଲା । ପରିସ୍ଥିତି ସୁଧୁରିବା ପରେ ପର୍ଯ୍ୟାୟକ୍ରମେ କର୍ଫ୍ୟୁ କୋହଳ କରାଯିବା ସହ ଏହାକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରାଯାଇଛି ।

## ହାଥ୍ରସ୍ ଘଟଣା

ଉତ୍ତରପ୍ରଦେଶର ହାଥ୍ରସ୍ ଜିଲ୍ଲାରେ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଗତକାଲି ଦଳାଚକଟା ଯୋଗୁଁ ୧୧୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଆହତ ହୋଇଥିବା ସୂଚନା ମିଳିଛି । ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୮ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଉଛି । ଅପରପକ୍ଷରେ ଜୁନ୍ ପହିଲାରୁ ଗତକାଲି ପର୍ଯ୍ୟନ୍ତ ରାଜ୍ୟରେ ୧୬୮ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଏହା ସ୍ୱାଭାବିକ ବର୍ଷାଠାରୁ ୨୬ ପ୍ରତିଶତ କମ୍ ରହିଛି ।